# NATIONAL NEWS BULLETIN (ODIA)

## 15 June - 2025

## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ତ୍ରିରାଷ୍ଟ୍ରୀୟ ଗସ୍ତର ପ୍ରଥମ ପର୍ଯ୍ୟାୟରେ ଆଜି ସାଇପ୍ରସ୍ ଠାରେ ପହଞ୍ଚିଲେ ପ୍ରଧାନମନ୍ତ୍ରୀ ।

– ସାଇପ୍ରସ୍ ରାଷ୍ଟ୍ରପତି ନିକୋସ୍‌ଙ୍କ ସହ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗରେ କରିବେ ଆଲୋଚନା ।

- ୨୦୨୬ ସୁଦ୍ଧା ଭାରତ’ ସମ୍ପୂର୍ଣ୍ଣ ନକ୍ସଲ ମୁକ୍ତ ହେବ, କହିଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ।

- ଅହମ୍ମଦାବାଦ ବିମାନ ଦୁର୍ଘଟଣାରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଗଲା ୧୪ ମୃତଦେହ ।

- ଉତ୍ତରାଖଣ୍ଡ ହେଲିକପ୍ଟର ଦୁର୍ଘଟଣାର ଡି.ଜି.ସି.ଏ. ପକ୍ଷରୁ ତଦନ୍ତ କାର୍ଯ୍ୟ ଜାରି ।

ଏବଂ

- ଇରାନ୍ ଓ ଇସ୍ରାଏଲ୍ ମଧ୍ୟରେ ଚାଲିଥିବା ସଂଘର୍ଷରେ ଇସ୍ରାଏଲ୍‌ର ୧୩ ଓ ଇରାନ୍‌ର ୮୦ ନିହତ ।

# ପିଏମ୍-ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତ୍ରିରାଷ୍ଟ୍ରୀୟ ଗସ୍ତର ପ୍ରଥମ ପର୍ଯ୍ୟାୟରେ ଆଜି ସାଇପ୍ରସ୍ ଠାରେ ପହଞ୍ଚିଛନ୍ତି । ସାଇପ୍ରସ୍ ରାଷ୍ଟ୍ରପତି ନିକୋସ୍ କ୍ରିଷ୍ଟୋଡଲିଡସ୍ ତାଙ୍କୁ ଲାର୍‌ନାକା ଆନ୍ତର୍ଜାତିକ ବିମାନ ବନ୍ଦର ଠାରେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ସାଇପ୍ରସ୍‌ର ଲେମେସସ୍ ଠାରେ ଭାରତ ଏବଂ ସାଇପ୍ରସ୍ ଉଦ୍ୟୋଗୀମାନଙ୍କ ସହ ଶ୍ରୀ ମୋଦୀ ଏବଂ ଶ୍ରୀ ନିକୋସ୍ ବ୍ୟବସାୟିକ ଗୋଲ୍‌ଟେବୁଲ୍ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ଲେମେସସ୍ ଠାରେ ଭାରତୀୟ ସମ୍ପ୍ରଦାୟ ଏବଂ ସାଇପ୍ରସ୍ ଜନସାଧାରଣଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସ୍ୱାଗତ କରିବା ପାଇଁ ଇଚ୍ଛୁକର ସହ ଅପେକ୍ଷା କରିଛନ୍ତି । ଭାରତୀୟ ବଂଶୋଦ୍ଭବ ସଦସ୍ୟ ଏବଂ ଛାତ୍ର ସମାଜ ପକ୍ଷରୁ ଶ୍ରୀ ମୋଦୀଙ୍କ ଏହି ଗସ୍ତ' ଦୁଇ ଦେଶ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ବୃଦ୍ଧି ପାଇବ ବୋଲି ଆଶା କରାଯାଇଛି । ପ୍ରଧାନମନ୍ତ୍ରୀ ଆସନ୍ତାକାଲି ନିକୋସିଆ ଠାରେ ସାଇପ୍ରସ୍ ରାଷ୍ଟ୍ରପତି ନିକୋସ୍ କ୍ରିଷ୍ଟୋଡଲିଡସ୍‌ଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ । ବାଣିଜ୍ୟ, ପୁଞ୍ଜିନିବେଶ, ଶିକ୍ଷା, ଡିଜିଟାଲ୍ ସହଯୋଗ ଏବଂ ଆଞ୍ଚଳିକ ସୁରକ୍ଷା ପ୍ରସଙ୍ଗ ଉପରେ ଦ୍ୱିପାକ୍ଷିକ ଆଲୋଚନା ହେବାର ଆଶା କରାଯାଉଛି । ଭାରତ-ୟୁରୋପୀୟ ସଂଘ ଭାଗିଦାରୀ, ଭାରତ-ମଧ୍ୟପୂର୍ବ ୟୁରୋପ ଅର୍ଥନୈତିକ କରିଡ଼ର

ଆଇ.ଏମ୍.ଇ.ସି. ସମେତ ବିଭିନ୍ନ ଆନ୍ତର୍ଜାତିକ ବିକାଶ ପ୍ରସଙ୍ଗ ଉପରେ ଦୁଇ ନେତା ମତ ବିନିମୟ କରିବାର ସମ୍ଭାବନା ରହିଛି ।

ରାଷ୍ଟ୍ରପତି ଭବନରେ ଶ୍ରୀ ମୋଦୀ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ପରେ ସାଇପ୍ରସ ଗସ୍ତ ଶେଷ କରି ଜି-୭ ଶିଖର ସମ୍ମିଳନୀରେ ଯୋଗଦେବା ଲାଗି କାନାଡ଼ା ଗସ୍ତ କରିବେ ।

ଗସ୍ତର ଦ୍ୱିତୀୟ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କାନାଡ଼ାର ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣିଙ୍କ ନିମନ୍ତ୍ରଣ କ୍ରମେ ଜି-୭ ଶିଖର ସମ୍ମିଳନୀରେ ଅଂଶଗ୍ରହଣ କରିବା ପାଇଁ ଆସନ୍ତାକାଲି କାନାଡ଼ାର କାନାନାସ୍କିସ୍ ଯାତ୍ରା କରିବେ । ଏହା ଜି-୭ ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀଙ୍କ କ୍ରମାଗତ ଷଷ୍ଠ ଅଂଶଗ୍ରହଣ ହେବ । ଏହି ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଜି-୭ ରାଷ୍ଟ୍ରର ନେତାମାନଙ୍କ ସମେତ ଅନ୍ୟ ଆମନ୍ତ୍ରିତ ଦେଶ ତଥା ଅନ୍ତର୍ଜାତୀୟ ସଂଗଠନର ମୁଖ୍ୟମାନଙ୍କ ସହିତ ଗୁରୁତ୍ୱପୂର୍ଣ୍ଣ ବୈଶ୍ୱିକ ପ୍ରସଙ୍ଗ ଉପରେ ମତ ବିନିମୟ କରିବେ ।

ଗସ୍ତର ଶେଷ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଆସନ୍ତା ୧୮ ତାରିଖରେ କ୍ରୋଏସିଆକୁ ସରକାରୀ ଗସ୍ତରେ ଯିବେ । ପ୍ରଧାନମନ୍ତ୍ରୀ ତାଙ୍କ କ୍ରୋଏସିଆ ପ୍ରତିପକ୍ଷ ଆଣ୍ଡ୍ରେଜ୍ ପ୍ଲେନ୍‌କୋଭିକ୍ସଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ । ଏହି ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ

କ୍ରୋଏସିଆ ରାଷ୍ଟ୍ରପତି ଜୋରାନ ମିଲାନୋ ଭିକ୍ସ୍‌ଙ୍କୁ ମଧ୍ୟ ସାକ୍ଷାତ୍ କରିବାର କାର୍ଯ୍ୟକ୍ରମ ରହିଛି ।

## ଅମିତ ଶାହା–ଆପଏଣ୍ଟମେଣ୍ଟ୍ ଲେଟର୍ସ୍

ଭାରତ ୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ସମ୍ପୂର୍ଣ୍ଣ ନକ୍ସଲମୁକ୍ତ ହେବ ବୋଲି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି । ଲକ୍ଷ୍ନୌ ଠାରେ ୬୦ ହଜାର ୨୪୪ ଜଣ କନେଷ୍ଟବଲଙ୍କୁ ନିଯୁକ୍ତିପତ୍ର ବଣ୍ଟନ କାର୍ଯ୍ୟକ୍ରମ ଅବସରରେ ଶ୍ରୀ ଶାହା କହିଛନ୍ତି,  ଏକଦା ନକ୍ସଲ କାର୍ଯ୍ୟକଳାପ ୧୧ଟି ରାଜ୍ୟରେ ବ୍ୟାପି ରହିଥିବା ବେଳେ ଏବେ ଏହା ତିନୋଟି ଜିଲ୍ଲା ମଧ୍ୟରେ ସୀମିତ ରହିଛି **।V/O**

ଶ୍ରୀ ଶାହା କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱ କ୍ରମେ ଉତ୍ତରପ୍ରଦେଶରେ ୨୦୧୭ ମସିହାରେ ପୋଲିସ୍ ବାହିନୀର ଆଧୁନିକୀକରଣ ହୋଇପାରିଥିଲା । ପୂର୍ବରୁ ଜାତିଭିତ୍ତିରେ ପୋଲିସ୍ ବାହିନୀରେ ନିଯୁକ୍ତି ଦିଆଯାଉଥିବା ବେଳେ ବର୍ତ୍ତମାନ ନିଯୁକ୍ତି ପ୍ରକ୍ରିୟାରେ ପ୍ରଯୁକ୍ତି ବିଦ୍ୟା ମାଧ୍ୟମରେ ସ୍ୱଚ୍ଛତା ଅବଲମ୍ବନ କରାଯାଉଛି । ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ପ୍ରଶଂସା କରି ଶ୍ରୀ ଶାହା କହିଛନ୍ତି, ଉତ୍ତରପ୍ରଦେଶ ଏବେ ଆଉ ଦଙ୍ଗା ରାଜ୍ୟ ଭାବେ ପରିଚିତ ହୋଇନାହିଁ ବରଂ ବର୍ତ୍ତମାନ ଏକ ଆଇନ୍ ଶୃଙ୍ଖଳା ରାଜ୍ୟ ଭାବେ ପରିଚୟ ହାସଲ କରିଛି ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କହିଛନ୍ତି, ଏହି କାର୍ଯ୍ୟକ୍ରମ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅମୃତକାଳ ଲକ୍ଷ୍ୟ ହାସଲ କରିବା ଦିଗରେ ପ୍ରତିବଦ୍ଧତା ଦର୍ଶାଉଛି । ସମୁଦାୟ ୬୦ ହଜାର ୨୪୪ କନେଷ୍ଟବଲଙ୍କ ମଧ୍ୟରେ ୧୨ ହଜାର ୪୮ ଜଣ ମହିଳାଙ୍କୁ ନିଯୁକ୍ତିପତ୍ର ଦିଆଯାଇଛି ।

## ଇଣ୍ଡିଆନ୍ ଆର୍ମି ଲେଟର୍ସ୍

ପାକିସ୍ତାନର ସନ୍ତ୍ରାସବାଦ କାର୍ଯ୍ୟ ବିରୁଦ୍ଧରେ ଭାରତର ଅପରେସନ୍ ସିନ୍ଦୂର କାର୍ଯ୍ୟକ୍ରମ ସମୟରେ ସାଧାରଣ ନାଗରିକଙ୍କ ଅତୁଟ ସମର୍ଥନ ଏବଂ ସହଯୋଗକୁ ଭାରତୀୟ ସେନା ପକ୍ଷରୁ ଅଶେଷ ଧନ୍ୟବାଦ ଜ୍ଞାପନ କରାଯାଇଛି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଭାରତୀୟ ସେନା ପକ୍ଷରୁ ସାଧାରଣ ନାଗରିକଙ୍କ ଠାରୁ ବହୁ ସଂଖ୍ୟାରେ ହାର୍ଦ୍ଦିକ ଶୁଭେଚ୍ଛାର ପତ୍ର ପାଇଥିବା ପ୍ରକାଶ କରାଯାଇଛି । ଭାରତୀୟ ସେନାର ବୀରତ୍ୱ, ଆତ୍ମନିର୍ଭରଶୀଳ ମନୋଭାବ, ସାହସିକତାକୁ ସାଧାରଣ ନାଗରିକମାନେ ଭୂୟସୀ ପ୍ରଶଂସା କରିଛନ୍ତି । ଦେଶ ସେବାରେ ସେମାନେ ଉତ୍ସର୍ଗୀକୃତ ମନୋଭାବ ସହ ସର୍ବଦା କାର୍ଯ୍ୟ କରିବେ ବୋଲି ଭାରତୀୟ ସେନା ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି ।

# ପ୍ଲେନ୍ କ୍ରାସ୍-ଡିଏନ୍ଏ ମ୍ୟାଚ୍

ଅହମ୍ମଦାବାଦ ବିମାନ ଦୁର୍ଘଟଣାର ୩୨ ଜଣ ମୃତକଙ୍କ ଡି.ଏନ୍.ଏ. ନମୁନା ଏ ପର୍ଯ୍ୟନ୍ତ ମେଳ ହୋଇଛି । ସେମାନଙ୍କ ମଧ୍ୟରୁ ମୋଟ୍ ୧୪ ଜଣଙ୍କ ମୃତ ଦେହ ସମ୍ପୃକ୍ତ ପରିବାର ଗୁଡ଼ିକୁ ହସ୍ତାନ୍ତର କରାଯାଇଛି । ରାଜ୍ୟ ଗୃହ ମନ୍ତ୍ରୀ ହର୍ଷ ସାଙ୍ଘଭି, ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୁପାନିଙ୍କ ଡି.ଏନ୍.ଏ. ନମୁନା ମେଳ ହୋଇଥିବା ସମ୍ପର୍କରେ ନିଶ୍ଚିତ କରିଛନ୍ତି । ଡି.ଏନ୍.ଏ. ନମୁନା ପରୀକ୍ଷଣ କାର୍ଯ୍ୟ ଗାନ୍ଧିନଗର ଫୋରେନ୍‌ସିକ୍ ବିଜ୍ଞାନ ପରୀକ୍ଷାଗାରରେ ୨୪ ଘଣ୍ଟିଆ ଜାରି ରହିଛି । ଏହି ପରୀକ୍ଷାଗାରର ନିର୍ଦ୍ଦେଶକ ଏଚ୍.ପି. ସାଙ୍ଘଭି ଡି.ଏନ୍.ଏ. ମେଳ ସମ୍ପର୍କରେ ନିରନ୍ତର ସୂଚନା ପ୍ରଦାନ କରୁଛନ୍ତି । ଦୁଇଟି ପ୍ରକ୍ରିୟାରେ ଡି.ଏନ୍.ଏ. ନମୁନା ସଂଗ୍ରହ କରାଯାଉଥିବା ସେ କହିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରଧାନ ସଚିବ ପି.କେ. ମିଶ୍ର ଆଜି ଅହମ୍ମଦାବାଦ ବିମାନ ଦୁର୍ଘଟଣା ସ୍ଥଳୀ ପରିଦର୍ଶନ କରି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି । ରାଜ୍ୟ ପୁଲିସ୍ ମୁଖ୍ୟ ବିକାଶ ଶହାୟେ ଶ୍ରୀ ମିଶ୍ରଙ୍କୁ ସମ୍ପୂର୍ଣ୍ଣ ଘଟଣା ସଂକ୍ରାନ୍ତରେ ଅବଗତ କରାଇଛନ୍ତି । ବିମାନ ଦୁର୍ଘଟଣା ତଦନ୍ତ ବ୍ୟୁରୋ ଏ.ଏ.ଆଇ.ବି.ର ଅଧିକାରୀମାନେ ମଧ୍ୟ ଶ୍ରୀ ମିଶ୍ରଙ୍କୁ ଦୁର୍ଘଟଣାର ତଦନ୍ତ ପ୍ରକ୍ରିୟା ସମ୍ପର୍କରେ ସୂଚନା ଦେଇଛନ୍ତି । ଶ୍ରୀ ମିଶ୍ର ମଧ୍ୟ ବିମାନ ଦୁର୍ଘଟଣା ସ୍ଥଳୀ ଡାକ୍ତରୀ ହେଷ୍ଟେଲ୍ ମଧ୍ୟ ପରିଦର୍ଶନ କରିଛନ୍ତି ।

# ହେଲିକପ୍ଟର କ୍ରାସ୍

ଉତ୍ତରାଖଣ୍ଡର କେଦାରନାଥ ନିକଟ ଗୌରୀକୁଣ୍ଡ ଖାର୍କ ପାର୍ବତ୍ୟାଞ୍ଚଳରେ ଆଜି ହୋଇଥିବା ହେଲିକପ୍ଟର ଦୁର୍ଘଟଣାର ବିମାନ ଦୁର୍ଘଟଣା ତଦନ୍ତ ବ୍ୟୁରୋ ଅନୁସନ୍ଧାନ କରିବ । କେଦାରନାଥରୁ ତୀର୍ଥ ଯାତ୍ରୀମାନଙ୍କୁ ନେଇ ଗୁପ୍ତକାଶୀ ଯାଉଥିବା ହେଲିକପ୍ଟର ଦୁର୍ଘଟଣାରେ ୬ ଜଣ ତୀର୍ଥ ଯାତ୍ରୀ ଏବଂ ଜଣେ ପାଇଲଟଙ୍କ ସମେତ ୭ ଜଣଙ୍କର ମୃତ୍ୟୁ ଘଟିଛି । ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶକ – ଡି.ଜି.ସି.ଏ. କହିଛନ୍ତି, ଶ୍ରୀ କେଦାରନାଥ ଜୀ ମନ୍ଦିରରୁ ଆଜି ସକାଳ ୫ଟା ୧୦ ମିନିଟ୍ ସମୟରେ ହେଲିକପ୍ଟରଟି ଗୁପ୍ତିକାଶୀ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲା ଏବଂ ଗୌରୀକୁଣ୍ଡ ନିକଟରେ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା । ପ୍ରତିକାର ମୂଳକ ବ୍ୟବସ୍ଥା ସ୍ୱରୂପ ଡି.ଜି.ସି.ଏ. ପକ୍ଷରୁ ଚାରିଧାମକୁ ହେଲିକପ୍ଟର ଉଡ଼ାଣ ହ୍ରାସ କରାଯାଇଛି । ଘଟଣାର ସର୍ବେକ୍ଷଣ ଏବଂ ତଦନ୍ତ କାର୍ଯ୍ୟ ଡି.ଜି.ସି.ଏ. ପକ୍ଷରୁ ଜାରି ରହିଛି ।

ଉତ୍ତରାଖଣ୍ଡର ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମିଙ୍କ ଅଧ୍ୟକ୍ଷତାରେ ଆଜି ଏକ ଉଚ୍ଚସ୍ତରୀୟ ବୈଠକ ଆହ୍ୱାନ କରାଯାଇଥିଲା । ସେଥିରେ ବେସାମରିକ ବିମାନ ଚଳାଚଳ ସଚିବ ଏବଂ ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ । ବୈଠକରେ ସୁରକ୍ଷା ଦୃଷ୍ଟିକୋଣରୁ ଚାର୍ଟର ହେଲିକପ୍ଟର ଗୁଡ଼ିକୁ ଆସନ୍ତାକାଲି ପର୍ଯ୍ୟନ୍ତ ରଦ୍ଦ କରାଯାଇଛି । ଉତ୍ତରାଖଣ୍ଡ

ବେସାମରିକ ବିମାନ ଚଳାଚଳ ଉନ୍ନୟନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଯାତ୍ରା ପ୍ରକ୍ରିୟାର ସମସ୍ତ ବ୍ୟବସ୍ଥା ସମୀକ୍ଷା କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି ।

## ପୁନେ ବ୍ରିଜ୍ କୋଲାପ୍ସ

ମହାରାଷ୍ଟ୍ରର ପୁନେ ନିକଟବର୍ତ୍ତୀ ମାଭାଲ୍ ତାଲୁକାରେ ଇନ୍ଦ୍ରାୟନି ନଦୀ ଉପରେ ନିର୍ମିତ ଏକ ପୁରୁଣା ପୋଲ ଭୁଶୁଡ଼ି ପଡ଼ିଛି । ଦୁର୍ଘଟଣାରେ ୨୫ରୁ ୩୦ ଜଣ ପର୍ଯ୍ୟଟକ ନଦୀ ମଧ୍ୟରେ ଖସିପଡ଼ିଥିବା ଆଶଙ୍କା କରାଯାଉଛି । ତେଲେଗାଓଁ ଡାଭାଡେ ନିକଟବର୍ତ୍ତୀ ଅଞ୍ଚଳରେ ଏକ ଜଣାଶୁଣା ପର୍ଯ୍ୟଟନ ସ୍ଥଳୀ କୁଣ୍ଡମାଳା ନିକଟରେ ଏହି ଦୁର୍ଘଟଣା ଘଟିଛି । ଆଜି ରବିବାର ଥିବାରୁ ଏହି ପର୍ଯ୍ୟଟନ ସ୍ଥଳୀ ନିକଟରେ ପ୍ରବଳ ଜନଗହଳି ରହିଥିଲା । କେତେକ ପର୍ଯ୍ୟଟକ ପୋଲ ଉପରେ ଠିଆ ହୋଇଥିବା ବେଳେ ହଠାତ୍ ପୋଲଟି ଭୁଶୁଡ଼ି ପଡ଼ିଥିଲା । ଗତ ଦୁଇ ଦିନ ଧରି ମାଭାଲ୍ ଅଞ୍ଚଳରେ ପ୍ରବଳ ବର୍ଷା କାରଣରୁ  ଏହି ଦୁର୍ଘଟଣା ହୋଇଥାଇ ପାରେ ବୋଲି ଆଶଙ୍କା କରାଯାଇଛି । ସ୍ଥାନୀୟ ପ୍ରଶାସନ, ଅଗ୍ନିନିର୍ବାପକ ଦଳ ଏବଂ ଜାତୀୟ ବିପର୍ଯ୍ୟୟ ତ୍ୱରିତ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଚଳାଇଛନ୍ତି ।

# ଇରାନ୍-ଇସ୍ରାଏଲ୍

ଇରାନ୍ ଏବଂ ଇସ୍ରାଏଲ୍ ମଧ୍ୟରେ ଚାଲିଥିବା କ୍ଷେପଣାସ୍ତ୍ର ଏବଂ ବିମାନ ଆକ୍ରମଣ ଘଟଣାରେ ଇସ୍ରାଏଲ୍‌ର ୧୩ ଜଣ ଏବଂ ଇରାନ୍‌ର ୮୦ ଜଣ ଆଜି ପ୍ରାଣ ହରାଇଥିବା ସୂଚନା ମିଳିଛି । ଇରାନ୍ ପକ୍ଷରୁ ଆଜି ଇସ୍ରାଏଲ୍ ସହର ଉପରେ ଦୁଇଟି ପୃଥକ କ୍ଷେପଣାସ୍ତ୍ର ଆକ୍ରମଣ କରାଯାଇଥିଲା । ଜନବସତି ଅଞ୍ଚଳରେ ଏହି ଆକ୍ରମଣ କରାଯାଇଥିବା ଯୋଗୁଁ ଇସ୍ରାଏଲ୍ ଅଧିକାରୀଙ୍କ ପକ୍ଷରୁ ଘଟଣାର ନିନ୍ଦା କରାଯାଇଛି । ଇସ୍ରାଏଲ୍‌ର ଉତ୍ତରାଞ୍ଚଳ ତାମ୍ରା ଆରଫ୍ ନଗର ଠାରେ ହୋଇଥିବା ପ୍ରଥମ ଆକ୍ରମଣରେ ୪ ଜଣ ମହିଳା ନିହତ ହୋଇଥିବା ବେଳେ ୨୦ ଜଣ ଆହତ ହୋଇଛନ୍ତି । ସେହିପରି ବାଟ୍ ୟାମ୍, ରେହୋବଟ, ତେଲ୍ ଆଭିବ୍ ଏବଂ ଜେରୁଜେଲମ୍ ଠାରେ ହୋଇଥିବା ଦ୍ୱିତୀୟ ଆକ୍ରମଣ ଘଟଣାରେ ତିନି ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ବହୁ ଲୋକ ଆହତ ହୋଇଛନ୍ତି ।

# ଆଇଏମ୍‌ଡି

ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ମହାରାଷ୍ଟ୍ରର ରତ୍ନଗିରି ଏବଂ ରାଇଗଡ଼ ଜିଲ୍ଲାରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପ୍ରବଳ ବର୍ଷା ନେଇ ସତର୍କ ସୂଚନା ଜାରି କରାଯାଇଛି । ସେହିପରି ପଲଘାର, ଥାନେ, ପୁନେଘାଟ, ସତରାଘାଟ, କୋଲାପୁର ଘାଟ ଏବଂ ସିନ୍ଧୁଦୁର୍ଗ ଜିଲ୍ଲା ନିମନ୍ତେ ମଧ୍ୟ

ସତର୍କତା ଜାରି କରାଯାଇଛି । ଜରୁରୀକାଳୀନ ପରିସ୍ଥିତି ନିମନ୍ତେ ପ୍ରଶାସନ ପକ୍ଷରୁ ଜାତୀୟ ବିପର୍ଯ୍ୟୟ ତ୍ୱରିତ ବାହିନୀ ଏବଂ ରାଜ୍ୟ ବିପର୍ଯ୍ୟୟ ତ୍ୱରିତ ବାହିନୀକୁ ସଜାଗ ରହିବା ଲାଗି ନିର୍ଦ୍ଦେଶ ଦିଆଯାଇଛି ।